Total No. of Questions : 4] [Total No. of Printed Pages : 7

Course Code
**MSO – 01**

# Term End Examination – December, 2019

## SOCIOLOGICAL THEORIES AND CONCEPTS

Master of Arts in Sociology (MASO)

*Time* : 3 hours *Full Marks* : 100

*The figures in the right-hand margin indicate marks*

Answer **all** Groups as directed

### Group—A
### ବିଭାଗ - କ

**1.** Answer *all* the questions, each within *1* word or *1* sentence : 1×10=10

**ସମସ୍ତ** ପ୍ରଶ୍ନର ଉତ୍ତର **୧ଟି** ଶବ୍ଦ କିମ୍ବା **୧ଟି** ବାକ୍ୟରେ ଲେଖନ୍ତୁ :

*(a)* Who focuses on power as the imposition of the will of actor?

ବ୍ୟକ୍ତିର ଇଚ୍ଛାଦ୍ୱାରା କ୍ଷମତା ଆରୋପିତ ହୋଇଥାଏ—କିଏ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି ?

*(b)* Who has distinguished power (macht) from domination (herrschaft)?

କ୍ଷମତା (macht) ଏବଂ ପ୍ରଭୁତ୍ୱ (herrschaft)କୁ କିଏ ବିଭକ୍ତ କରିଛନ୍ତି ?

*(c)* Give an example of Charismatic authority.

ଚମତ୍କାରୀ ପ୍ରଭୁତ୍ୱର ଏକ ଉଦାହରଣ ଦିଅ ।

*(d)* Who has developed 'Ideal Type'?

ଆଦର୍ଶ ପ୍ରାରୂପର ଧାରଣା କିଏ ଦେଇଛନ୍ତି ?

*(e)* *Argonauts of the Western Pacific* was written by _________.

'ଆର୍‌ଗୋନଟ୍‌ସ ଅଫ୍ ଦି ୱେଷ୍ଟର୍ନ୍ ପାସିଫିକ୍' କିଏ ଲେଖିଛନ୍ତି ?

*(f)* *Class, Status and Power* was written by _________.

'କ୍ଲାସ୍, ଷ୍ଟାଟସ୍ ଆଣ୍ଡ୍ ପାୱାର' କିଏ ଲେଖିଛନ୍ତି ?

*(g)* *Division of Labour* was written by _________.

'ଶ୍ରମ-ବିଭାଜନ' କିଏ ଲେଖିଛନ୍ତି ?

*(h)* The division of Sociology into social statics and social dynamics was given by _________.

ସମାଜ ଶାସ୍ତ୍ରକୁ ——— ସାମାଜିକ ସ୍ଥିରତା ଏବଂ ସାମାଜିକ ଗତିଶୀଳତା ମଧ୍ୟରେ ବିଭକ୍ତି କରିଛନ୍ତି ।

*(i)* For Marx, a class is defined by the position of a person in the process of _________.

ମାର୍କ୍ସଙ୍କ ଦୃଷ୍ଟିରେ, ଏକ ଶ୍ରେଣୀ ହେଉଛି ——— ପ୍ରକ୍ରିୟାରେ ଥିବା ବ୍ୟକ୍ତିର ଆସନ ।

*(j)* Durkheim classified society into ________ and ____________ .

ଦୁର୍ଖୀମ୍ ସମାଜକୁ ——— ଏବଂ ———ରେ ବିଭକ୍ତ କରିଛନ୍ତି ।

Group—B

ବିଭାଗ - ଖ

**2.** Answer *any four* questions each within *100* words : 5×4=20

**ଯେକୌଣସି ୪ଟି** ପ୍ରଶ୍ନର ଉତ୍ତର ୧୦୦ ଶବ୍ଦ ମଧ୍ୟରେ ଲେଖନ୍ତୁ :

*(a)* Discuss Weber's concept of power and bureaucracy.

ୱେବରଙ୍କ କ୍ଷମତା ଏବଂ ଅମଲାତନ୍ତ୍ରର ଧାରଣା ଉପରେ ଆଲୋଚନା କର ।

*(b)* Outline the Parsonian view of State and power.

ପାର୍ସନ୍‌ଙ୍କ ରାଷ୍ଟ୍ର ଏବଂ କ୍ଷମତାର ଅବଧାରଣା ବିଷୟରେ ଆଲୋକପାତ କର ।

*(c)* Elucidate the different models of state depicted by Karl Marx.

କାର୍ଲ୍ ମାର୍କ୍ସଙ୍କ ଦ୍ୱାରା ଅଙ୍କିତ ରାଷ୍ଟ୍ରର ବିଭିନ୍ନ ଆଦର୍ଶମାନ ସ୍ପଷ୍ଟ କର ।

*(d)* How does Levi-Strauss distinguish between the concept of social structure and social relations?

ଲେଭି-ଷ୍ଟ୍ରାସ୍ କିଭଳି ଭାବରେ ସାମାଜିକ ସଂରଚନା ଏବଂ ସାମାଜିକ ସମ୍ପର୍କର ଅବଧାରଣାକୁ ବିଭକ୍ତ କରିଛନ୍ତି?

*(e)* Discuss Erikson's conceptualisation of identity.

ଏରିକ୍‌ସନ୍‌ଙ୍କ ପରିଚୟ ଅବଧାରଣା ସମ୍ପର୍କୀତ ସଂକ୍ଷିପ୍ତ ଆଲୋଚନା କର ।

*(f)* Define modernity and post-modernity.

ଆଧୁନିକତା ଏବଂ ଉତ୍ତର ଆଧୁନିକତାର ସଂଜ୍ଞା ନିରୂପଣ କର ।

Group—C

ବିଭାଗ - ଗ

**3.** Answer *any four* questions each within *200* words : 10×4=40

**ଯେକୌଣସି ୪ଟି** ପ୍ରଶ୍ନର ଉତ୍ତର ୨୦୦ ଶବ୍ଦ ମଧ୍ୟରେ ଲେଖନ୍ତୁ :

*(a)* Compare the theoretical contribution of Radcliffe-Brown and Evans Pritchard.

ରେଡ୍‌କ୍ଲିଫ୍-ବ୍ରାଉନ୍ ଏବଂ ଇଭାନ୍ସ୍ ପ୍ରୀଚାଡ୍‌ଙ୍କର ସୈଦ୍ଧାନ୍ତିକ ଯୋଗଦାନକୁ ତୁଳନା କର ।

*(b)* Define social structure. Discuss the contributions of Levi-Strauss to structuralism.

ସାମାଜିକ ସଂରଚନାର ସଂଜ୍ଞା ନିରୂପଣ କର । ସଂରଚନାବାଦ ସମ୍ପର୍କୀତ ଲେଭି-ଷ୍ଟ୍ରସ୍‌ଙ୍କ ଅବଦାନ ବିଷୟରେ ଆଲୋଚନା କର ।

*(c)* Is Weber's and Schumpter's analysis on entrepreneurship similar or different? Elaborate.

ୱେବର ଏବଂ ସୁମ୍ପେଟର୍‌ଙ୍କ ଔଦ୍ୟୋଗିକ ସମ୍ପର୍କୀତ ବିଶ୍ଳେଷଣ ସମାନ ଅଥବା ଭିନ୍ନ ଅଟେ କି—ବ୍ୟାଖ୍ୟା କର ।

*(d)* Examine Malinowski's contribution to functionalism.

ପ୍ରକାର୍ଯ୍ୟବାଦ ଉପରେ ମାଲିନୋସ୍କିଙ୍କ ଅବଦାନ ବିଶ୍ଳେଷଣ କର ।

*(e)* Explain the features of sociological theory.

ସମାଜଶାସ୍ତ୍ର ସିଦ୍ଧାନ୍ତର ବିଶେଷତା ମାନ ବ୍ୟାଖ୍ୟା କର ।

*(f)* Describe the state through the theoretical lens of Pluralists and Neo-Marxists.

ବହୁଗୋଷ୍ଠୀବାଦୀ ଏବଂ ନବ-ମାର୍କ୍ସବାଦୀ ମାନଙ୍କ ସୈଦ୍ଧାନ୍ତିକ ଦୃଷ୍ଟିକୋଣକୁ ଭିତ୍ତି କରି ରାଷ୍ଟ୍ର ବିଷୟରେ ଆଲୋଚନା କର ।

## Group—D

## ବିଭାଗ - ଘ

**4.** Answer *any two* questions each within *300* words : 15×2=30

**ଯେକୌଣସି ୨ଟି** ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ ଲେଖନ୍ତୁ :

*(a)* Critically discuss the seminal works of major thinkers on power.

ପ୍ରମୁଖ ବିଚାରକମାନଙ୍କର କ୍ଷମତା ଉପରେ ଥିବା ମୌଳିକ କାର୍ଯ୍ୟର ଆଲୋଚନାତ୍ମକ ବ୍ୟାଖ୍ୟା କର ।

*(b)* Discuss the functionalist perspectives on social stratification.

ପ୍ରକାର୍ଯ୍ୟବାଦୀ ଦୃଷ୍ଟିକୋଣରୁ ସାମାଜିକ ସ୍ତରୀତରଣ ଉପରେ ଆଲୋଚନା କର ।

*(c)* Discuss the conceptualisation of state as an institution through the works of Marx, Weber and Durkheim.

ଏକ ଅନୁଷ୍ଠାନ ଭାବରେ ରାଷ୍ଟ୍ରର ଅବଧାରଣାକୁ ମାର୍କ୍ସ, ୱେବର ଏବଂ ଦୁର୍ଖୀମଙ୍କ ଚିନ୍ତନକୁ ଭିତ୍ତି କରି ଆଲୋଚନା କର ।

★★★